QUESTION BOOKLET NUMBER | QUESTION BOOKLET SERIES

# ODISHA POLICE RECRUITMENT BOARD
# (CPSE - 2019)

# A

**Subject : Paper-I (English & Odia Language)**
**Duration of Exam : 90 minutes**
**No. of Questions : 100**

**Roll Number of Candidate**

| | | | | | | | | | |
|---|---|---|---|---|---|---|---|---|---|
| | | | | | | | | | |

## READ THE INSTRUCTIONS CAREFULLY BEFORE WRITING ANYTHING ON THIS BOOKLET:

1. Please follow "Instructions to Candidates" already uploaded on the candidate portal.
2. **Please strictly follow the instructions given by the Invigilators and those given on the Question Booklet.**
3. Before commencing to write anything on this Booklet ensure that the Booklet has 100 (one hundred) multiple choice questions (MCQs) divided in 2 sections (Section-A & Section-B), there is no misprint, overprinting and / or any other deficiency either in the Question Booklet or in the OMR Answer Sheet. If there is any deficiency, report the same to the invigilator forthwith and get the Booklet changed. Only on being fully satisfied, fill your details on the OMR Answer Sheet. Once the Roll No. has been written on the OMR Answer Sheet, it will normally not be replaced.
4. There are **14** pages in this Question Booklet, out of which page number **1** is "**General Instructions**"
5. Candidate should mark his/her answer only on the OMR Answer Sheet, which is being provided separately.
6. Please use **blue/black** ball point pen ONLY for filling up the details & for marking your answers on the OMR Sheet.
7. Mark your answers with utmost care. You are not allowed to change the answer, once marked, by adopting any method (including correction fluid).
8. Mark only one answer for each question. If more than one answer is given by you for any question, that answer will be treated as wrong.
9. **One Mark (1)** will be awarded for each correct answer. There will be **negative marking of 0.25** in the test for every wrong answer. No marks will be awarded or deducted for un-answered question.
10. Rough work may be done in the blank space in the Question Booklet. No other paper will be provided. Please note that it will be your responsibility to carefully handover your OMR Answer Sheet, Admit Card and copy of identity proof to the invigilator at the end of the examination. If your OMR Answer Sheet is found missing, you will be disqualified.

FM Manoj

## DO NOT OPEN THE BOOKLET UNTIL ASKED TO DO SO

ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦ ପାଠକରି ଅନୁଚ୍ଛେଦ ତଳେ ଦିଆ ଯାଇଥିବା ପ୍ରଶ୍ନର ଉତ୍ତର ଦିଅ ।

ଯେଉଁଠାରେ ବିବେକର ସ୍ୱାଧୀନତା ସେହିଠାରେ ତେଜସ୍ୱିତା, ସେହିଠାରେ ମନୁଷ୍ୟତ୍ୱ । ଏହା ଭିନ୍ନ ଯେ ସ୍ୱାଧୀନତା, ସେ କେବଳ ନାମ ମାତ୍ର । ଯେଉଁମାନେ ଧନମାନର ଦାସ, ରିପୁର ଦାସ, ଭ୍ରାନ୍ତ ଦେଶାଚାର କୁଳାଚାରର ଦାସ, ଅସତ୍ୟ କୁସଂସ୍କାରର ଦାସ, ସେମାନଙ୍କ ମୁଖରେ ସ୍ୱାଧୀନତା ରୂପକ ସ୍ୱର୍ଗୀୟ କଥା ଶୋଭା ପାଏ ନାହିଁ । ବିବେକର ଆଦେଶ ଅପେକ୍ଷା, ଈଶ୍ୱରଙ୍କ ସତ୍ୟ ଅପେକ୍ଷା, ପାର୍ଥିବ ସୁଖସମୃଦ୍ଧି-ସଂସାରର ଯଶ ଓ ସୁଖ୍ୟାତି - ଜନସାଧାରଣଙ୍କର ପ୍ରଶଂସା ଯାହା ନିକଟରେ ଅଧିକ ମୂଲ୍ୟବାନ, ଲୋକଭୟ ସମାଜ ଭୟରେ ଯାହାର ପ୍ରାଣ ସର୍ବଦା ମୁହ୍ୟମାନ, ସଂସାରର ଦୁଃଖ କଷ୍ଟ ବିଘ୍ନ ବିପତ୍ତିର ନାମରେ ଯେଉଁ ବ୍ୟକ୍ତି ତ୍ରସ୍ତ, ସ୍ୱାଧୀନତାର ନାମ ଗ୍ରହଣ କରିବାର ଅଧିକାର ତାହାର ନାହିଁ । ଅଜ୍ଞାନ ତିମିରାଚ୍ଛନ୍ନ ସରଳ ପ୍ରକୃତି କୃଷକ ଯେବେ କୁସଂସ୍କାରର ଦାସ ହୁଏ, ଦେଶ ପ୍ରଚଳିତ କୁଳକ୍ରମାଗତ ସର୍ବପ୍ରକାର ଦୂଷିତ ପ୍ରଥାର ଅନୁସରଣ କରେ, ସେ ତ ନିନ୍ଦନୀୟ ନୁହେଁ ବରଂ ଶ୍ରଦ୍ଧାର ପାତ୍ର; କିନ୍ତୁ ଯେଉଁମାନେ ଶିକ୍ଷା ଲାଭ କରିଅଛନ୍ତି, ଜ୍ଞାନ ପାଇଅଛନ୍ତି, ଭଲ ମନ୍ଦ ବୁଝିବାର ଶକ୍ତି ଯେଉଁମାନଙ୍କର ଜନ୍ମିଅଛି, ସେମାନେ ଯେବେ ସୁପ୍ରଖର ଦିବାଲୋକରେ ଚକ୍ଷୁ ମୁଦ୍ରିତ କରି ସର୍ବ ପ୍ରକାର ଦେଶ ପ୍ରଚଳିତ ପଦ୍ଧତିର ଅନୁସରଣ କରନ୍ତି ବା ମୃତବତ୍ ନିଷ୍ପନ୍ଦ ରହନ୍ତି, ତେବେ ସେମାନଙ୍କୁ ଭୀରୁ, ସଂସାରର ଦାସ ଅଥବା ଜୀବନ୍ମୃତ ନ କହି ଆଉ କ'ଣ କହିବୁ? ସେ ଯାହା କୁହନ୍ତୁ ବା ମନେ କରନ୍ତୁ, ଅତ୍ୟନ୍ତ କ୍ଷୋଭର ସହିତ କହିବାକୁ ହେଉଅଛି ଯେ ଆମ୍ଭମାନଙ୍କ ଦେଶର ଶିକ୍ଷିତ ସମ୍ପ୍ରଦାୟ ମଧ୍ୟରେ ଅଧିକାଂଶ ଜୀବନଶୂନ୍ୟ ଅଥବା ବାକ୍ ସର୍ବସ୍ୱ । ସତ୍ୟର ଅନୁସନ୍ଧାନରେ ସେମାନଙ୍କ ପ୍ରବୃତ୍ତି ନାହିଁ । ସତ୍ୟପଥ ଅବଲମ୍ବନରେ ଆଗ୍ରହ ବା ଆକାଂକ୍ଷା ନାହିଁ, ସତ୍ୟ ଗ୍ରହଣରେ ସାହସ ଓ ସାମର୍ଥ୍ୟ ନାହିଁ । ଯାହା ମାନନ୍ତି ନାହିଁ, ଯହିଁରେ ବିଶ୍ୱାସ ନାହିଁ, ଯାହାକୁ ଅସତ୍ୟ ଓ ଅନ୍ୟାୟ ବୋଲି ଜାଣି ପାରିଅଛନ୍ତି, ତାହା ହିଁ କାର୍ଯ୍ୟରେ କରନ୍ତି - ଅନ୍ତତଃ ଲୋକଦେଖାଣିଆ ଭାବରେ । ସ୍ୱାଧୀନ ଇଚ୍ଛା, ସ୍ୱାଧୀନ କାର୍ଯ୍ୟର ମୂଲ୍ୟ ବୁଝିବାକୁ ଏମାନେ ଅସମର୍ଥ । ଅନ୍ୟର ବ୍ୟକ୍ତିଗତ ସ୍ୱାଧୀନତାର ଆଦର ଓ ସମ୍ମାନ ଏମାନଙ୍କୁ ଅଜ୍ଞାତ । ଔଦାସୀନ୍ୟ ଏମାନଙ୍କ ଜୀବନର ପ୍ରଧାନ ଲକ୍ଷଣ । ଏମାନଙ୍କ ଶିକ୍ଷା କେବଳ ଭାରବହନ ମାତ୍ର । ଏହା କେବଳ ଏମାନଙ୍କୁ ଘୋର କପଟାଚାରୀ କରିଅଛି - ଭିତରେ ଏକ ପ୍ରକାର ବାହାରେ ଅନ୍ୟ ପ୍ରକାର । କାର୍ଯ୍ୟରେ ଯାହା କରିବ କର, କେବଳ ବାହାରେ ଲୋକଙ୍କ ମନ ରକ୍ଷା କଲେ ହେଲା । କି ଘୋର କପଟତା ! ତେବେ ଆଉ ସ୍ୱାଧୀନତା ରହିଲା କେଉଁଠାରେ? ଦିନକୁ ଦିନ କେବଳ ଏହି ଭାବ ବଢୁଅଛି । ଶିକ୍ଷାବିସ୍ତାର ସଙ୍ଗେ ସଙ୍ଗେ ସ୍ୱାର୍ଥପରତା, କପଟତା, ନାସ୍ତିକତା, ବିଳାସିତା, ଔଦ୍ଧତ୍ୟ, ଅନାଚାର ବଢୁଅଛି । ଏ କି ଭୟଙ୍କର ଭାବ । ହାୟ! ଶିକ୍ଷାର କି ପରିଣାମ ଏହି ? ଏହିପରି କ'ଣ ଦେଶର ଓ ସମାଜର ମୁଖ ଉଜ୍ଜ୍ୱଳ ହେବ?

FM Manoj

**(1)** ସ୍ୱାଧୀନତାର ନାମ ଗ୍ରହଣ କରିବାର ଅଧିକାର କେଉଁ ବ୍ୟକ୍ତିର ରହିଛି?

(A)ପାର୍ଥିବ ସୁଖ ସମୃଦ୍ଧ - ସଂସାରରେ ଯଶ ଓ ସୁଖ୍ୟାତି ଥିବା ବ୍ୟକ୍ତି ।

(B)ବିବେକର ଆଦେଶ ଓ ଈଶ୍ୱରଙ୍କ ସତ୍ୟକୁ ଗ୍ରହଣ କରୁଥିବା ବ୍ୟକ୍ତି ।

(C)ଜନ ସାଧାରଣଙ୍କ ପ୍ରଶଂସା ଯାହା ନିକଟରେ ଅଧିକ ମୂଲ୍ୟବାନ ବ୍ୟକ୍ତି ।

(D)ସଂସାରର ଦୁଃଖକଷ୍ଟରେ ଭୟାତୁର ବ୍ୟକ୍ତି ।

**(2)** ଆମ ଦେଶରେ କେଉଁମାନଙ୍କ ଜୀବନ ଶୂନ୍ୟ ଓ କଥା ସର୍ବସ୍ୱ ବୋଲି କୁହାଯାଇଛି?

(A)ଧନ ଓ ମାନରେ ବଳୀୟାନ ବ୍ୟକ୍ତିତ୍ୱମାନଙ୍କୁ ।

(B)ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖିଥିବା ବ୍ୟକ୍ତିତ୍ୱମାନଙ୍କୁ ।

(C)ଶିକ୍ଷିତ ସଂପ୍ରଦାୟମାନଙ୍କୁ ।

(D)ସତ୍ୟପଥକୁ ଅବଲମ୍ବନ କରୁଥିବା ମଣିଷମାନଙ୍କୁ ।

**(3)** ଶିକ୍ଷା ବିସ୍ତାର ସହିତ ଆମ ଦେଶରେ କ'ଣ ବଢୁଅଛି ?

(A)ସ୍ୱାଧୀନ ଇଚ୍ଛା ଓ କାର୍ଯ୍ୟର ମୂଲ୍ୟବୁଝିବାକୁ ସାମର୍ଥ୍ୟ ।

(B)ବ୍ୟକ୍ତିଗତ ସ୍ୱାଧୀନତାର ଆଦର ଓ ସମ୍ମାନ ।

(C)କର୍ତ୍ତବ୍ୟନିଷ୍ଠା ଓ ନିଃସ୍ୱାର୍ଥ ପରତା ।

(D)ସ୍ୱାର୍ଥପରତା, ଔଦ୍ଧତ୍ୟ ଓ ଅନାଚାର ।

**(4)** କିଏ କୁସଂସ୍କାର ଓ ଦୂଷିତ ପ୍ରଥାର ଅନୁସରଣ କଲେ ମଧ୍ୟ ନିନ୍ଦନୀୟ ନୁହେଁ ?

(A)ଶିକ୍ଷା, ଜ୍ଞାନ ଓ ଭଲମନ୍ଦ ବୁଝିପାରୁଥିବା ଶିକ୍ଷିତ ବ୍ୟକ୍ତି। (B)ସଂସାରର ଯଶ ଓ ଖ୍ୟାତି ସଂପନ୍ନ ମଣିଷ ।

(C)ଅଜ୍ଞାନ ଅନ୍ଧକାରରେ ରହୁଥିବା ସରଳ କୃଷକ । (D)ଘୋର କପଟତା ଆଚରଣ କରୁଥିବା ବ୍ୟକ୍ତି ।

ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦ ପାଠକରି ଅନୁଚ୍ଛେଦ ତଳେ ଦିଆ ଯାଇଥିବା ପ୍ରଶ୍ନମାନଙ୍କର ଉତ୍ତର ଦିଅ ।

ପୃଥିବୀ ଯେଉଁସବୁ ସଙ୍କଟ ଭିତରେ ଗତିକରୁଛି ସେଥିପ୍ରତି ଧ୍ୟାନ ଦେଲେ ପ୍ରଳୟ ଆଶଙ୍କାକୁ ଭୀରୁ ମନର ଦୁର୍ବଳତା ବୋଲି କହିହେବ ନାହିଁ । ପୃଥିବୀ ଜନବିସ୍ଫୋରଣର ଦ୍ୱାର ଦେଶରେ । ଭାରତ ପରି ଦରିଦ୍ର ଜନବହୁଳ ଦେଶରେ ଲୋକସଂଖ୍ୟା ଆତଙ୍କଜନକ ଅବସ୍ଥାରେ ପହଞ୍ଚିଲାଣି । ଏଣେ ଲୋକସଂଖ୍ୟା ବଢୁଥିବାବେଳେ ତେଣେ ପ୍ରାକୃତିକ ସମ୍ପଦ କମିବାରେ ଲାଗିଛି । ଆରବ ଦେଶଗୁଡିକ ଆଖିବୁଜା ପେଟ୍ରୋଲର ଦାମ୍ ବଢାଇଚାଲିଥିବାରୁ ପ୍ରକୃତି ସଞ୍ଚିତ ରଖିଥିବା ଖଣିଜଦ୍ରବ୍ୟର ଅଭାବ ଘଟିଲେ କି ପରିସ୍ଥିତି ଉପୁଜେ ତାହା ଆମ ଅଙ୍ଗେ ନିଭାଇବାକୁ ଆରମ୍ଭ କରିଛୁ । ଭୂଗର୍ଭ କୋଇଲା, ପେଟ୍ରୋଲ ଇତ୍ୟାଦିର ଅସରନ୍ତି ଭଣ୍ଡାର ନୁହେଁ ! ହିସାବରୁ ଜଣାପଡୁଛି ଯେ ଆସନ୍ତା ପଚାଶ ବର୍ଷ ଭିତରେ ପେଟ୍ରୋଲ, ଶହେ ଦୁଇଶହ ବର୍ଷ ଭିତରେ କୋଇଲା ଓ ତା'ପରେ... ତା'ପରେ କ'ଣ ସରିବ ସେ ହିସାବ ଅନାବଶ୍ୟକ । ଶକ୍ତିସଙ୍କଟର ସନ୍ତୋଷଜନକ ସମାଧାନ ବିଜ୍ଞାନୀମାନେ ଇତିମଧ୍ୟରେ କରି ନ ପାରିଲେ ପ୍ରଳୟ ପାଇଁ ଏ ଦୁଇଟିରୁ ଗୋଟିଏ ଶେଷ ହେବା ଯଥେଷ୍ଟ ! ଗତ ଅର୍ଦ୍ଧଶତାବ୍ଦୀ ଧରି ବୈଜ୍ଞାନିକ, ଯୋଜନା ବିଶେଷଜ୍ଞ ଓ ଚିନ୍ତାଶୀଳ ଲେଖକମାନେ ବିଶ୍ୱବାସୀଙ୍କୁ ପ୍ରାକୃତିକ ସମ୍ପଦ ଶେଷ ହୋଇଯିବାର ବିପଦ ସମ୍ପର୍କରେ ସତର୍କ କରିଆସୁଛନ୍ତି ।

ଜନବିସ୍ଫୋରଣ ବା ଶକ୍ତିସଙ୍କଟ ନେଇ ଜନତା କିନ୍ତୁ ବିବ୍ରତ ନୁହେଁ । ଏ ବିଷୟରେ ଲୋକଙ୍କର ମନୋଭାବ ହେଉଛି, ବିଜ୍ଞାନୀ ଓ ଜନନାୟକଙ୍କର ସମସ୍ୟାରେ ଆମେ ମୁଣ୍ଡପୂରାଇ କିଛି ଲାଭ ନାହିଁ । ଯଥାସମୟରେ ବିଜ୍ଞାନୀଗଣ କିଛି ପ୍ରତିକାର କରିବେ,ମହାସଙ୍କଟ କାଳରେ ସୃଷ୍ଟିକର୍ତ୍ତା ତାଙ୍କ ସୃଷ୍ଟିକୁ ରକ୍ଷା କରିବେ । ଏପରି ଆଶା କରିବା କେତେଦୂର ଯଥାର୍ଥ ସେ ଏକ ସ୍ୱତନ୍ତ୍ର ପ୍ରଶ୍ନ ! କଥା ହେଉଛି, ବାସ୍ତବ ପ୍ରଳୟ ସମ୍ଭାବନା ସାମନାରେ ତ ଆମେ ଅବିଚଳିତ ।

FM Manoj

ପୃଥିବୀରେ ଜଳ, ସ୍ଥଳ, ଆକାଶ ଅଧିକରୁ ଅଧିକ ଦୂଷିତ ହେଉଛନ୍ତି । ଯେଉଁ ଗଙ୍ଗା ଆମର ଅତି ପବିତ୍ର ସେହି ଗଙ୍ଗାରେ କଳକାରଖାନାର ମଇଳା ପାଣି ଓ ସହରର ନାଳ ନର୍ଦ୍ଦମାସବୁ ଉପନଦୀ ପରି ଆସି ମିଶି ତା'ର ଜଳକୁ ଦୂଷିତ କରିଚାଲିଛନ୍ତି । ଭାରତର ନଦୀମାନ ଆଉ ପୁଣ୍ୟତୋୟା ହୋଇ ନାହାନ୍ତି । ଜନତା ଏହିସବୁ କଥା ଶୁଣି ନିରବ ରୁହେ, ବିଶେଷତଃ ଗଙ୍ଗାଜଳ ଦୂଷିତ ହେଉଥିବା କଥା ତା'ର ମନକୁ ଛୁଏଁ - କ୍ଷଣକ ପାଇଁ । ଅସଲ ଗଙ୍ଗା ମନରେ ଓ ଏହିପରି ସାନ୍ତ୍ୱନା ବାଣୀର ତ ଅଭାବ ନାହିଁ ।

**(5)** ଭାରତ ପରି ଜନବହୁଳ ଦେଶରେ ପ୍ରାକୃତିକ ସଂପଦ କମିବାରେ ଲାଗିଥିଲାବେଳେ କ'ଣ ଆତଙ୍କ ଜନକ ଅବସ୍ଥାରେ ପହଞ୍ଚିଲାଣି ?

(A)ଲୋକ ସଂଖ୍ୟା ବୃଦ୍ଧି । (B)ଆରବ ଦେଶରେ ପେଟ୍ରୋଲର ଦାମବୃଦ୍ଧି ।

(C)ଭୂ ଭାଗରେ କୋଇଲା ସରିଯିବା । (D)ଶକ୍ତି ଶଙ୍କଟ ଦେଖା ଦେବା ।

**(6)** ଗତ ଅର୍ଦ୍ଧଶତାବ୍ଦୀଧରି ବୈଜ୍ଞାନିକ ଓ ଚିନ୍ତାଶୀଳ ଲେଖକମାନେ ବିଶ୍ୱବାସୀଙ୍କୁ କେଉଁ ବିପଦ ସଂପର୍କରେ ସତର୍କ କରି ଆସୁଛନ୍ତି ?

(A)ପରିବେଶ ପ୍ରଦୂଷଣ ହୋଇଯାଉଥିବାରୁ । (B)ପ୍ରାକୃତିକ ସଂପଦ ସମାପ୍ତ ହୋଇଯିବ ବୋଲି ।

(C)ବାସ୍ତବ ପ୍ରଳୟର ସମ୍ଭାବନା ରହିଛି । (D)ଦରିଦ୍ର ଓ ଜଳବହୁଳ ଦେଶର ଲୋକ ସଂଖ୍ୟା ବୃଦ୍ଧି ।

**(7)** ଗଙ୍ଗାନଦୀ ପୁଣ୍ୟତୋୟା ହୋଇ ନ ରହିବାର କାରଣ କ'ଣ ?

(A)କଳକାରଖାନାର ମଇଳାଜଳ ମିଶୁଥିବାରୁ । (B)ଜନତା ଚୁପ୍ ରହିଥିବାରୁ ।

(C)ସ୍ଥଳ ଓ ଆକାଶଭାଗ ଦୂଷିତ ହୋଇଯିବାରୁ । (D)ଗଙ୍ଗାଜଳ ପବିତ୍ର ହୋଇଥିବାରୁ ।

ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦ ପାଠକରି ଅନୁଚ୍ଛେଦ ତଳେ ଦିଆଯାଇଥିବା ପ୍ରଶ୍ନମାନଙ୍କର ଉତ୍ତର ଦିଅ ।

ରାଜ୍ୟ, ଅମାତ୍ୟ ଓ ରାଜପୁରୁଷମାନଙ୍କର ରାଜନୀତିମାର୍ଗରେ ଇତିହାସ ପ୍ରଧାନ ସମ୍ବଳ । ଇତିହାସରେ ଅନଭିଜ୍ଞ ହେଲେ ବ୍ୟବସ୍ଥାପକ ସମ୍ପୂର୍ଣ୍ଣରୂପେ କୃତୀ ହୁଅନ୍ତି ନାହିଁ । ଯେଉଁ ଜାତି ହୀନବସ୍ଥା, ଉନ୍ନତ ଜାତିର ଇତିହାସ ସେ ଜାତିର ମନରେ ନବୀନ ଉତ୍ସାହ ସଞ୍ଚାର କରେ ଓ ତାହାର ପଥପ୍ରଦର୍ଶକ ହୁଏ । ପୁଣି ଯେଉଁ ବର୍ତ୍ତମାନ ଅଧଃ ପତିତ ପୂର୍ବପୁରୁଷମାନେ ପ୍ରାଚୀନକାଳରେ ଗରୀୟାନ୍ ଥିଲେ ସେ ଜାତି ଭୂତ ଓ ବର୍ତ୍ତମାନକୁ ତୁଳନା କରି ଭବିଷ୍ୟତରେ ଲୁପ୍ତଗୌରବର ଉଦ୍ଧାର ନିମନ୍ତେ ପ୍ରୋତ୍ସାହିତ ହୋଇଥାଏ । ଇତିହାସ ଓ ତଦନ୍ତର୍ଗତ ମହାପୁରୁଷମାନଙ୍କ ଚରିତ ପାଠ କଲେ ମନରେ ସଂକୀର୍ଣ୍ଣତା ଓ ଅହଙ୍କାରର ତିରୋଧାନ ସ୍ୱାଭାବିକ । ପୂର୍ଣ୍ଣାଙ୍ଗସ୍ୱ ଇତିହାସ ନାନା ବିଷୟକ ଜ୍ଞାନର ଖଣି, ସୁତରାଂ ତାହା ପାଠ କଲେ ବିପୁଳ ଅଭିଜ୍ଞତା ଜନ୍ମେ ଓ ସଂସାରଯାତ୍ରାରେ ସାହାଯ୍ୟ କରେ । ସଂକଳିତ ନଜିରମାନ ଜୀବମାନଙ୍କର ଯେଉଁ ଉପକାର କରେ, ଇତିହାସ ସଂସାରଯାତ୍ରାର ସେହି ପ୍ରୟୋଜନ ସମ୍ପାଦନ କରେ । ସ୍ୱଦେଶ, ସ୍ୱଜାତି ଓ ସ୍ୱୀୟ ବଂଶର ଇତିହାସରେ ଅଭିଜ୍ଞ ହେଲେ ମାନବ ଆପଣାର ଦାୟିତ୍ୱ, ସ୍ୱତ୍ୱ ଓ ଦାବୀ ଉତ୍ତମରୂପେ ହୃଦୟଙ୍ଗମ କରିପାରେ । ଏହି ଅଭିଜ୍ଞତା ବ୍ୟକ୍ତିବିଶେଷକୁ ସମୟ ସମୟରେ ବିପଥଗମନରୁ ନିବର୍ତ୍ତାଇ ଅଛି । ଏହି ଅଭିଜ୍ଞତା ଇଂଲଣ୍ଡର ଶାସନତନ୍ତ୍ରକୁ ସୁଦୃଢ ଭିତ୍ତି ପ୍ରଦାନ କରିଅଛି । ଏହି ଅଭିଜ୍ଞତା ଅନେକ ମହାତ୍ମାଙ୍କୁ ଆତ୍ମୋତ୍ସର୍ଗ-ବ୍ରତରେ ଦୀକ୍ଷିତ କରିଅଛି । ସୁକୌଶଳରେ ଲିଖିତ ଇତିହାସକୁ ଭୂଚିତ୍ର ଅଥବା ନାଟ୍ୟାଭିନୟ ସହିତ ତୁଳନା କରାଯାଇପାରେ । ଭୂଚିତ୍ର ଓ ନାଟ୍ୟାଭିନୟ ଦର୍ଶନ କଲେ ତଦ୍ ବିଷୟ ସମ୍ବନ୍ଧରେ ଯେପରି ଜ୍ଞାନ ଓ ଆନନ୍ଦ ଜନ୍ମେ, ଇତିହାସ ପାଠରେ ସେହିପରି ଜ୍ଞାନ ଓ ଆନନ୍ଦ ଜନ୍ମେ । ଯେ ଦେଶରେ ଇତିହାସର ସମ୍ୟକ୍ ଓ ସାର୍ଥକ ଅନୁଶୀଳନ ହେଉଅଛି ସେ ଦେଶରେ ଅମାବସ୍ୟା ବା ଚାତୁର୍ମାସ୍ୟ ଦେଖାଯାଏ ନାହିଁ ।

FM Manoj

**(8)** ବର୍ତ୍ତମାନ ଅଧଃ ପତିତ ଜାତିକୁ ଇତିହାସ କି ପ୍ରକାର ସହାୟତା କରେ ?

(A)ଅତୀତ ଗୌରବାନ୍ୱିତ ଥିଲା ତେଣୁ ଭିବଷ୍ୟତହିଁ ଗୌରବାନ୍ୱିତ ହେବ ଏହା ଭାବୁଥାଏ ।

(B)ପୂର୍ବ ଗୌରବ ଓ ଐତିହକଥା ମନେ ପକାଇ ଶୋଇ ରହିଥାଏ ।

(C)ଭୂତ ଓ ବର୍ତ୍ତମାନକୁ ତୁଳନା କରି ଭବିଷ୍ୟତର ଲୁପ୍ତ ଗୌରବ ଉଦ୍ଧାର ନିମନ୍ତେ ପ୍ରୋତ୍ସାହିତ କରିଥାଏ ।

(D)ଅତୀତର ସ୍ମୃତିଚାରଣ କରି ସ୍ୱପ୍ନ ଦେଖେ ।

**(9)** କେଉଁ ଅଭିଜ୍ଞତା ବ୍ୟକ୍ତିବିଶେଷକୁ ସମୟ ସମୟରେ ବିପଥ ଗମନରୁ ନିବର୍ତ୍ତାଇ ଅଛି ?

(A)ଜନ୍ମ ଓ ସଂସାର ଯାତ୍ରା ସଂପର୍କିତ ଅଭିଜ୍ଞତା । (B)ଇତିହାସ ଜ୍ଞାନ ନ ରହିଲେ ।

(C)ଅଧିକ ଗ୍ରନ୍ଥ ଅଧ୍ୟୟନ କଲେ । (D)ସ୍ୱବଂଶ, ଜାତି ଓ ଦେଶର ଇତିହାସ ଅଭିଜ୍ଞ ହେଲେ ।

**(10)** କେଉଁଦେଶରେ ଅମାବାସ୍ୟା ବା ଚାତୁର୍ମାସ୍ୟ ଦେଖାଯାଏ ନାହିଁ?

(A)ଇତିହାସ ଚର୍ଚ୍ଚା ହେଉ ନଥିବା ଦେଶରେ ।

(B)ଇତିହାସ ବିଶେଷ ଅନୁଶୀଳନ ହେଉଥିବା ଦେଶରେ ।

(C)ଇତିହାସ ଅର୍ନ୍ତଗତ ମହାପୁରୁଷମାନଙ୍କ ଚରିତ ପାଠ ହେଉଥିବା ଦେଶରେ ।

(D)ଇତିହାସ ଜ୍ଞାନର ଅଭାବରେ ।

**(11)** ଦୟା ଓ କ୍ଷମା ଦ୍ୱାରା ଶତ୍ରୁ ମଧ ବଶ ହୁଏ । ରେଖାଙ୍କିତ ପଦ ଦ୍ୱୟ କେଉଁ ବାଚକ ବିଶେଷ୍ୟ ଅଟେ?

(A) ଜାତି ବାଚକ ।   (B) ଗୁଣ ବାଚକ ।   (C) କ୍ରିୟା ବାଚକ ।   (D) ବ୍ୟକ୍ତି ବାଚକ ।

**(12)** ହରି ମିଥ୍ୟାବାଦୀ । ରେଖାଙ୍କିତ ପଦଟିର ବିଶେଷଣ ନିର୍ଣ୍ଣୟ କର?

(A) ସର୍ବନାମର ବିଶେଷଣ ।   (B) ଗୁଣବାଚକ ବିଶେଷଣ ।

(C) ବିଧେୟ ବିଶେଷଣ ।   (D) ଅବ୍ୟୟ ବିଶେଷଣ ।

**(13)** ଭାରତରେ ଏମିତି କେହି ଲୋକନାହିଁ, ଯେ ଗଙ୍ଗା ନଦୀର ନାମ ଶୁଣିନାହିଁ । ଏଠାରେ ଯେ କେଉଁ ପ୍ରକାର ସର୍ବନାମ ?

(A)ଆପେକ୍ଷିକ ସର୍ବନାମ ।   (B) ସମୁଚ୍ଚୟୀସବର୍ନାମ ।

(C)ନିର୍ଣ୍ଣୟାତ୍ମକ ସର୍ବନାମ ।   (D)ଗୁରୁତ୍ୱାରୋପକ ସର୍ବନାମ ।

**(14)** 'ବାଆଁ' କେଉଁ ଶବ୍ଦ ନିର୍ଣ୍ଣୟ କର?

(A)ତତ୍ ସମ ।   (B) ତଦ୍ ଭବ ।   (C) ଦେଶଜ ।   (D) ବୈଦେଶିକ ।

**(15)** "ଶୋଭନ ଶ୍ରୀ ଯାହାର"- ଏକ ପଦରେ ପ୍ରକାଶ କର?

(A) ସୁଧୀ   (B) ସୁଶ୍ରୀ   (C) ସୁନ୍ଦର   (D) ସୌଜନ୍ୟ

**(16)** "ଉତ୍ତମ ପ୍ରତିଷ୍ଠା ଲାଭ କରେ ଯେ"- ଏକ ପଦରେ ପ୍ରକାଶ କର?

(A) ଉତ୍ତମ ପ୍ରତିଷ୍ଠା   (B) ଲବ୍ ଧପ୍ରତିଷ୍ଠ   (C) ପ୍ରତିଷ୍ଠିତ   (D) ସୁପ୍ରତିଷ୍ଠିତ

**(17)** ନିମ୍ନଲିଖିତ ଶବ୍ଦ ମାନଙ୍କ ମଧ୍ୟରୁ କେଉଁଟି 'ବୃକ୍ଷ'ର ପ୍ରତିଶବ୍ଦ ନୁହେଁ ?

(A) ପାଦପ   (B) ବଟପୀ   (C) ପାଦକ   (D) ଭୃଙ୍ଗ

**(18)** ନିମ୍ନଲିଖିତ ଶବ୍ଦ ମାନଙ୍କ ମଧ୍ୟରୁ କେଉଁଟି 'ପିତା'ର ପ୍ରତିଶବ୍ଦ?

EM Manoj

(A) କେକୀ   (B) ତାତ   (C) ଶତଦଳ   (D) ରସା

**(19)** "ତନ୍ଦ୍ରା'ର ବିପରୀତ ଶବ୍ଦଟି କ'ଣ?

(A) ଜାଗୃତି   (B) ଘୁମେଇବା   (C) ମୋହ   (D) ସୁପ୍ତ

**(20)** 'ଏକାନ୍ନ' ଶବ୍ଦର ବିପରୀତ ଶବ୍ଦ ଲେଖ?

(A) ପରାନ୍ନ   (B) ଅନ୍ୟାନ୍ୟ   (C) ପୃଥକାନ୍ନ   (D)ଅଏକାନ୍ନ

**(21)** "ମଧ୍ୟମ ନାରାୟଣ ପ୍ରୟୋଗ କରିବା" ରୂଢ଼ିର ଅର୍ଥ ନିର୍ଣ୍ଣୟ କର?

(A) କଷ୍ଟ ଉପରେ ପୁଣି କଷ୍ଟ   (B)ଖୁସାମତ କରିବା

(C)ଅନଧିକାର ଚର୍ଚ୍ଚା   (D)ଗର୍ବ ପ୍ରକାଶ କରିବା

**(22)** 'ଓଟ ମୁହଁରେ ଜିରା- ରୂଢ଼ିର ଅର୍ଥ କ'ଣ?

(A)ଠାସ୍ କୁ ମାରିବା ।   (B)କଥା ବଢ଼ାଇବା ।

(C)ବହୁତ ଆବଶ୍ୟକସ୍ଥଳେ ଅଳ୍ପ ଜିନିଷ ।   (D)ଅଯଥା କଳି କରିବା ।

**(23)** ଶୁଦ୍ଧ ଶବ୍ଦଟି ଚିହ୍ନାଅ ?

(A)ସଂଶ୍ଲୀଷ୍ଟ   (B) ସଶ୍ଳିଂଷ୍ଟ   (C) ସଂଶ୍ଳିଂଷ୍ଟ   (D) ସଂଶ୍ଳିଷ୍ଟ

**(24)** ଶୁଦ୍ଧ ଶବ୍ଦର ପରିଚୟ ପ୍ରଦାନ କର?

(A)ପୁର୍ବାହ୍ନ   (B)ପୁର୍ବାହ୍ ଣ   (C)ପୂର୍ବାହ୍ ଣ   (D) ପୃବାହ୍ନ

**(25)** **"ପୃଥିବୀ ସହଜରେ ତାତିଯାଏ ଓ ସହଜରେ ଶୀତଳ ହୋଇଯାଏ" । ଉକ୍ତ ବାକ୍ୟର ବିଶ୍ଳେଷଣ ଦୃଷ୍ଟିରୁ ଏହା କେଉଁ ପ୍ରକାର ବାକ୍ୟ ସୂଚାଅ?**

(A)ସରଳବାକ୍ୟ (B)ଜଟିଳବାକ୍ୟ (C) ଯୌଗିକ ବାକ୍ୟ (D) ମିଶ୍ରବାକ୍ୟ

**(26)** **ଶିକ୍ଷକ ଗୋପାଳକୁ ପଚାରିଲେ, "ତୁମକୁ କେତେ ବର୍ଷ ? "- ବାକ୍ୟଟିର ସଠିକ ପରୋକ୍ଷ ଉକ୍ତି ନିର୍ଣ୍ଣୟ କର ?**

(A) ଶିକ୍ଷକ ଗୋପାଳର ବୟସ କଥା କହିଲେ ।

(B)ଗୋପାଳର ବୟସ କେତେ ବୋଲି ଶିକ୍ଷକ ତାକୁ ପଚାରିଲେ ।

(C) ଗୋପାଳର ବୟସ କଥା ଶିକ୍ଷକ କହିଲେ ।

(D) ଶିକ୍ଷକ କହିଲେ ଗୋପାଳର ବୟସ କେତେ ?

**(27)** **ନିମ୍ନୋକ୍ତ ବାକ୍ୟ ମାନଙ୍କ ମଧ୍ୟରୁ ଭାବବାଚ୍ୟକୁ ନିର୍ଣ୍ଣୟ କର ?**

(A) ସୁଧାକର ଭଲ ପୁରାଣ ପଢେ । (B) ସୁଧାକର କୁ ଭଲ ପୁରାଣ ପଢିଆସେ ।

(C) ସୁଧାକର ଦ୍ୱାରା ଭଲ ପୁରାଣ ପଢାହୁଏ । (D) ଏଗୁଡିକ ମଧ୍ୟରୁ କେଉଁଟି ବି ନୁହେଁ ।

**(28)** **ଯେଉଁ ବାକ୍ୟରେ କାହାକୁ ଉପଦେଶ ଦିଆଯାଇଥାଏ, କାହାକୁ ଅନୁରୋଧ / କାମନା କରାଯାଇଥାଏ, ତାହାକୁ କେଉଁ ବାକ୍ୟ କହନ୍ତି ?**

(A)ବିବରଣାତ୍ମକ ବାକ୍ୟ (B)ପ୍ରଶ୍ନାତ୍ମକ ବାକ୍ୟ (C)ବିସ୍ମୟାତ୍ମକବାକ୍ୟ (D)ଅନୁଜ୍ଞାତ୍ମକ ବାକ୍ୟ

**(29)** **ପୋଲିସ ଚୋରକୁ ଗୋଡାଇଲେ । ରେଖାଙ୍କିତ କ୍ରିୟାଟି କେଉଁ ଶ୍ରେଣୀର ସ୍ଥିର କର?**

(A)ଅମିଶ୍ର କ୍ରିୟା ପଦ (B)ମିଶ୍ରକ୍ରିୟା ପଦ (C)ପ୍ରେରଣାର୍ଥକକ୍ରିୟାପଦ (D)ନାମଧାତୁକ୍ରିୟାପଦ

**(30)** **ପିଲାଟି ବୁଦ୍ଧିମାନ ଅଟେ - ବାକ୍ୟଟିର ବିଧେୟ ଚିହ୍ନାଅ?**

(A) ପିଲାଟି (B) ବୁଦ୍ଧିମାନ (C) ଅଟେ (D) କୌଣସିଟି ନୁହେଁ

FM Manoj

**(31)** **Formation of mirage is an example of total internal reflection of light. ସଠିକ ଅନୁବାଦ ଚିହ୍ନାଅ ?**

(A)ମରିଚିକାର ସୃଷ୍ଟି ଆଲୋକର ସଂପୂର୍ଣ୍ଣ ଆଭ୍ୟନ୍ତରୀଣ ପ୍ରତିସ୍ଫୁରଣ ପ୍ରକ୍ରିୟା ଯୋଗୁ ହୋଇଥାଏ ।

(B)ମରିଚିକାର ସୃଷ୍ଟି ଆଲୋକର ଆଭ୍ୟନ୍ତରୀଣ ପ୍ରତିସରଣ ପ୍ରକ୍ରିୟା ପାଇଁ ହୋଇଥାଏ ।

(C)ମରିଚିକାର ସୃଷ୍ଟି ଆଲୋକର ସଂପୂର୍ଣ୍ଣ ଆଭ୍ୟନ୍ତରୀଣ ପ୍ରତିଫଳନ ପ୍ରକ୍ରିୟା ଯୋଗୁ ହୋଇଥାଏ ।

(D)ମରିଚିକାର ସୃଷ୍ଟି ଆଲୋକର ବିଚ୍ଛୁରଣ ପ୍ରତିଫଳନ ଯୋଗୁ ହୋଇଥାଏ ।

**(32)** **Sky appears blue due to scattering of light. ସଠିକ ଅନୁବାଦ ଚିହ୍ନାଅ ?**

(A)ଆଲୋକର ପ୍ରତିସରଣ ପ୍ରକ୍ରିୟା ପାଇଁ ଆକାଶ ନୀଳ ଦେଖାଯାଏ ।

(B)ଆଲୋକର ବିଚ୍ଛୁରଣ ପ୍ରକ୍ରିୟା ପାଇଁ ଆକାଶ ନୀଳରଙ୍ଗ ଦେଖାଯାଏ ।

(C)ଆଲୋକର ପ୍ରତିଫଳନ ପ୍ରକ୍ରିୟା ଆକାଶର ରଙ୍ଗକୁ ନୀଳ କରିଦିଏ ।

(D)ଆଲୋକର ଅପସାରଣ ପ୍ରକ୍ରିୟାଦ୍ୱାରାଆକାଶ ନୀଳ ଦେଖାଯାଏ ।

**(33)** **The unit of Gravitational field intensity is same as that of acceleration. ସଠିକ ଅନୁବାଦ ଚିହ୍ନାଅ ?**

(A)ମାଧ୍ୟାକର୍ଷଣ କ୍ଷେତ୍ରର ତୀବ୍ରତାର ଏକକ ସଂବେଗର ଏକକ ସହ ସମାନ ଅଟେ ।

(B)ମାଧ୍ୟାକର୍ଷଣ କ୍ଷେତ୍ରର ତୀବ୍ରତାର ଏକକ ବଳର ଏକକ ସହ ସମାନ ।

(C)ମାଧ୍ୟାକର୍ଷଣ କ୍ଷେତ୍ରର ତୀବ୍ରତାର ଏକକ ତ୍ୱରଣର ଏକକ ସହ ସମାନ ।

(D)ମାଧ୍ୟାକର୍ଷଣ କ୍ଷେତ୍ରର ପ୍ରଖରତାର ଏକକ ଚାପର ଏକକ ସହ ସମାନ ।

**(34) Will you ploughing your land during the winter? ସଠିକ ଅନୁବାଦ ଚିହ୍ନାଅ ?**

(A) ବର୍ଷା ଦିନେ ତୁମେ ତୁମର ଜମି ହଳ କର କି ?

(B) ଶୀତ ଦିନେ ତୁମେ ତୁମର ଜମିରେ ଚାଷ କର କି ?

(C) ଶୀତକାଳରେ ତୁମେ ତୁମର ଜମିକୁ ହଳ କରୁଥିବ କି ?

(D) କେଉଁଟି ବି ନୁହେଁ ।

**(35) Super conductor behaves as a diamagnetic substance. ସଠିକ ଅନୁବାଦ ଚିହ୍ନାଅ?**

(A)ଏକ ଅପରିବାହି ପଦାର୍ଥ ଡାଇମ୍ୟାଗନେଟିକ୍ ପଦାର୍ଥ ପରି ବ୍ୟବହାର କରେ ।

(B)ଏକ କୁପରିବାହି ପଦାର୍ଥ ଡାଇମ୍ୟାଗନେଟିକ୍ ପଦାର୍ଥ ପରି ବ୍ୟବହାର କରେ ।

(C)ଏକ ଅତିପରିବାହି ପଦାର୍ଥ ଡାଇମ୍ୟାଗନେଟିକ୍ ପଦାର୍ଥ ପରି ବ୍ୟବହାର କରେ ।

(D)ଏକ ଅତିପରିବାହି ପଦାର୍ଥ ଡାଇମ୍ୟାଗନେଟିକ୍ ପଦାର୍ଥ ପରି ବ୍ୟବହାର କରେ ନାହିଁ ।

**(36) Two virtuous friends can not but think of each other welfare. ସଠିକ ଅନୁବାଦ ଚିହ୍ନାଅ ?**

(A)ଦୁଇଜଣ ଭଲ ସଚ୍ଚରିତ୍ର ଲୋକଙ୍କ ବନ୍ଧୁତା ଏହା, ଦୁହେଁ ଦୁହିଁଙ୍କର କଲ୍ୟାଣ ଭାବିପାରନ୍ତି ନାହିଁ ।

(B)ଦୁଇଜଣ ଭଲ ସଚ୍ଚରିତ୍ର ଲୋକଙ୍କ ବନ୍ଧୁତା ଏହା, ଦୁହେଁ ଦୁହିଁଙ୍କର କଲ୍ୟାଣ ଭିନ୍ନ ଅନ୍ୟ କିଛି ଭାବିପାରନ୍ତି ନାହିଁ ।

(C)ଦୁଇଜଣ ଭଲବନ୍ଧୁ ଉଭୟ ଉଭୟଙ୍କର କଲ୍ୟାଣ ଚାହାଁନ୍ତି ନାହିଁ ।

(D)ଦୁଇ ସଚ୍ଚରିତ୍ର ଲୋକଙ୍କର ବନ୍ଧୁତା ବେଶ ଆବେଗାତ୍ମକ ।

**(37) The soul of the women does not seem to be strong enough to endure the constraints of tight and long-lasting bond. ସଠିକ ଅନୁବାଦ ଚିହ୍ନାଅ ?**

(A)ସ୍ତ୍ରୀ ଲୋକର ଆତ୍ମା ସୁନିବିଡ ଓ ଦୀର୍ଘସ୍ଥାୟୀ ବନ୍ଧୁତା ବନ୍ଧନର ଚାପ ସହ୍ୟ କରିଲା ପରି ଲାଗେନାହିଁ ।

(B)ସ୍ତ୍ରୀ ଲୋକର ଆତ୍ମା ସୁନିବିଡ ଓ ଦୀର୍ଘସ୍ଥାୟୀ ବନ୍ଧୁତା ବନ୍ଧରେ ଚାପକୁ ସହ୍ୟ କରିପାରେ ।

(C)ଦୀର୍ଘସ୍ଥାୟୀ ବନ୍ଧୁତା ନାରୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

(D)ସ୍ତ୍ରୀ ଲୋକର ଆତ୍ମା ଦୀର୍ଘସ୍ଥାୟୀ ବନ୍ଧୁତାର ବନ୍ଧନର ଚାପକୁ ସହଜରେ ସହିନିଏ ।

**(38) Anything that happens to us is within the knowledge of God. ସଠିକ ଅନୁବାଦ ଚିହ୍ନାଅ ?**

(A) ଆମର ଯାହା ଘଟେ ତାହା ଇଶ୍ୱରଙ୍କ ଅଜ୍ଞାତରେ ହିଁ ଘଟେ ।

(B) ଆମର ଯାହା ଘଟେ ତାହା ଇଶ୍ୱରଙ୍କ ଇଚ୍ଛାରେ ହିଁ ଘଟୁଥାଏ ।

(C) ଆମର ଯାହା ଘଟେ ତାହା ଇଶ୍ୱରଙ୍କ ଜ୍ଞାତସାରରେ ହିଁ ଘଟୁଥାଏ ।

(D) ଆମର ଯାହା ଘଟେ ତାହା ଆମ କର୍ମ ଅନୁସାରେ ହିଁ ଘଟୁଥାଏ ।

**(39) Unity in diversity is an expression used for harmony and peace. ସଠିକ ଅନୁବାଦ ଚିହ୍ନାଅ ?**

(A)ବିବିଧତା ମଧ୍ୟରେ ଏକତା ଭାରତୀୟ ସଂସ୍କୃତିର ମହାମନ୍ତ୍ର ।

(B)ବିବିଧତା ମଧ୍ୟରେ ଏକତା ଅଭିବ୍ୟକ୍ତି ଶାନ୍ତି ଓ ଏକତା ପାଇଁ ବ୍ୟବହୃତ ହୋଇଅଛି ।

(C)ଶାନ୍ତି ଓ ଭାଇଚାରା ବିବିଧତା ମଧ୍ୟରେ ଏକତାର ପରିପ୍ରଚାର କରେ ।

(D)ବିବିଧତା ମଧ୍ୟରେ ଏକତା ଅଭିବ୍ୟକ୍ତି ଶାନ୍ତି ଓ ସଙ୍ଗତି ପାଇଁ ବ୍ୟବହୃତ ହୋଇଛି ।

FM Manoj

**(40) Communication is a mechanism to install awareness in the public through the spread of information. ସଠିକ ଅନୁବାଦ ଚିହ୍ନାଅ ?**

(A)ଯୋଗାଯୋଗ ସୂଚନା ପ୍ରଦାନ କରିବାର ବଳିଷ୍ଠ ମାଧମ ।

(B)ଜନସାଧାରଣଙ୍କୁ ଯୋଗାଯୋଗ ମାଧମରେ ସୂଚନା ପ୍ରଦାନ କରାଯାଏ ।

(C)ଯୋଗାଯୋଗ ଏପରି ଏକ କ୍ରିୟାବିଧି ଯାହା ଜନସାଧାରଣଙ୍କ ମଧରେ ସୂଚନା ପରିବ୍ୟାପ୍ତ କରି ସଚେତନତା ପ୍ରତିଷ୍ଠା କରେ ।

(D)ସୂଚନା ପ୍ରଦାନ କରିବା ପାଇଁ ଯୋଗାଯୋଗ ରୂପକ କ୍ରିୟା ବିଧିର ଉପଯୋ ଗ କରାଯାଏ ।

**(41) Indian society has always been multi cultural and multi lingual.ସଠିକ ଅନୁବାଦ ଚିହ୍ନାଅ ?**

(A)ଭାରତୀୟ ସଂସ୍କୃତି ବହୁଭାଷା ଓ ସମାଜର ସମନ୍ୱୟରେ ଗଠିତ ହୋଇଛି ।

(B)ଭାରତୀୟ ସମାଜ ସର୍ବଦା ବହୁ ସଂସ୍କୃତି ଓ ଭାଷାର ସମାହାର ହୋଇ ଆସିଛି ।

(C)ଭାରତୀୟ ସମାଜରେ ବହୁ ଭାଷା ଓ ଜାତୀୟତା ପରିଦୃଷ୍ଟ ହୁଏ ।

(D)ଭାରତୀୟ ସଂସ୍କୃତି ବହୁ ଭାଷାର ଏକ ପ୍ରୟୋଗଶାଳା ।

**(42) Languages are the carriers of Primitive knowledge systems and literary expressions. ସଠିକ ଅନୁବାଦ ଚିହ୍ନାଅ ?**

(A)ଭାଷା ପ୍ରାଚୀନ ଜ୍ଞାନ ଓ ସାହିତ୍ୟ ପ୍ରକାଶର ବାହକ ଅଟନ୍ତି ।

(B)ପ୍ରାଚୀନ ଜ୍ଞାନ ଓ ଭାଷା ସାହିତ୍ୟ ମାଧ୍ୟମରେ ପ୍ରକାଶିତ ହୋଇଛି ।

(C)ସାହିତ୍ୟ ହେଉଛି ପ୍ରାଚୀନ ଜ୍ଞାନ ଓ ଭାଷାର ମୂଳମନ୍ତ୍ର ।

(D)ପ୍ରାଚୀନ ଜ୍ଞାନ ସାହିତ୍ୟ ମାଧ୍ୟମରେ ପରି ପ୍ରସାର ହୋଇଥାଏ ।

EM Manoj

**(43) The court now allows all women regardless of their marital status, the right to safe and legal abortion. ସଠିକ ଅନୁବାଦ ଚିହ୍ନାଅ ?**

(A)ବିଚାରାଳୟ ବିବାହିତ କିମ୍ବା ଅବିବାହିତ ମହିଳାଙ୍କୁ ନିରାପଦ ଓ ଆଇନ ସମ୍ମତ ଗର୍ଭପାତ ପାଇଁ ସ୍ୱୀକୃତ ପ୍ରଦାନ କରିଛନ୍ତି ।

(B)ବିଚାରାଳୟ ବିବାହିତ କିମ୍ବା ଅବିବାହିତ ମହିଳାଙ୍କୁ ନିରାପଦ ଓ ଆଇନ ସମ୍ମତ ଗର୍ଭପାତ ପାଇଁ ସ୍ୱୀକୃତି ପ୍ରଦାନ କରି ନାହାଁନ୍ତି ।

(C)ବିଚାରାଳୟ ଅବିବାହିତ ଝିଅଙ୍କୁ ବିବାହିତ ମହିଳା ଭଳି ନିରାପଦ ଓ ଆଇନ ସମ୍ମତ ଗର୍ଭପାତ ଅଧିକାର ଦେଇନାହିଁ ।

(D)ବିଚାରାଳୟ ଅବିବାହିତ ଝିଅର ନିରାପଦ ଓ ଆଇନ ସମ୍ମତ ଗର୍ଭପାତ କରିବା ପାଇଁ ସ୍ୱୀକୃତ ଦେଇଛି ।

**(44) Violence against women encompasses physical, sexual, emotional and abuse inflicted on women .ସଠିକ ଅନୁବାଦ ଚିହ୍ନାଅ ?**

(A)ମହିଳାଙ୍କୁ ଶାରୀରିକ, ମାନସିକ ଓ ଆବେଗାତ୍ମକ ଶୋଷଣ ହେଉଛି ହିଂସା ।

(B)ମହିଳାଙ୍କୁ ଶାରୀରିକ, ମାନସିକ ଓ ଆବେଗାତ୍ମକ ଖରାପ ବ୍ୟବହାର ନାରୀ ନିର୍ଯ୍ୟାତନା ନୁହେଁ ।

(C)ମହିଳାଙ୍କୁ ଯେ କୌଣସି ପ୍ରକାର ଶାରୀରିକ, ମାନସିକ, ଆବେଗାତ୍ମକ ଖରାପ ବ୍ୟବହାର ନାରୀ ନିର୍ଯ୍ୟାତନାର ପର୍ଯ୍ୟାୟ ଭୁକ୍ତ ।

(D)ମହିଳାଙ୍କ ଶାରୀରିକ, ମାନସିକ ଓ ଆବେଗାତ୍ମକ ଶୋଷଣ ଦଣ୍ଡନୀୟ ଅପରାଧ ।

**(45) Cost functions is derived from production function.ସଠିକ ଅନୁବାଦ ଚିହ୍ନାଅ ?**

(A)ଉପଚୟ ଫଳନଟି ଉତ୍ପାଦନ ଫଳନ ସମ୍ଭୂତ ।

(B)ପରିବ୍ୟୟ ଫଳନଟି ଉତ୍ପାଦନ ଫଳନ ଉଦ୍ଭୂତ ।

(C) ଉତ୍ପାଦନ ଫଳନଟି ପରି ବ୍ୟୟ ଫଳନ ସମ୍ଭୂତ ।

(D)ଉତ୍ପାଦନ ଫଳନ ଉପଚୟ ଫଳନ ଉଦ୍ଭୂତ ।

**(46) A big audience is difficult to control-ସଠିକ ଅନୁବାଦ ଚିହ୍ନାଅ ?**

(A) ଗୋଟିଏ ଶ୍ରୋତାମଣ୍ଡଳି କୁ ଆୟତ୍ତ କରି ରଖିବା କଷ୍ଟ ।

(B) ଗୋଟିଏ ଶ୍ରୋତାମଣ୍ଡଳି କୁ ଆୟତ୍ତ କରି ରଖିବା ସହଜ ।

(C) ଗୋଟିଏ ବଡ ଶ୍ରୋତାମଣ୍ଡଳୀକୁ ଆୟତ୍ତ କରି ରଖିବା କଷ୍ଟକର ।

(D) କିଛି ଲୋକମାନଙ୍କୁ ଆୟତ୍ତ କରିବା କଷ୍ଟକର ।

**(47) Innovation and Technology will from the bed-rock of this resurgency- ସଠିକ ଅନୁବାଦ ଚିହ୍ନାଅ ?**

(A)ନବପ୍ରବର୍ତ୍ତନ ଓ ପ୍ରଯୁକ୍ତି ବିଦ୍ୟା ଏହି ପୁନରୁଥାନର ଆଧାର ପାଲଟିବ ।

(B)ପ୍ରଯୁକ୍ତିବିଦ୍ୟା ନବ ପ୍ରବର୍ତ୍ତନର ପ୍ରାରମ୍ଭିକ ସୂଚନା ପ୍ରଦାନ କରେ ।

(C)ନବ ପ୍ରବର୍ତ୍ତନ ଓ ପ୍ରଯୁକ୍ତି ବିଦ୍ୟା ବିକାଶର ଆଧାର ଭୂମି ପାଲଟିବ ନାହିଁ ।

(D)ପ୍ରଯୁକ୍ତି ବିଦ୍ୟା ନବ ପ୍ରବର୍ତ୍ତନର ବାର୍ତ୍ତା ବହନ କରେ ।

**(48) The Government are thinking of opening a college in our area. ସଠିକ ଅନୁବାଦ ଚିହ୍ନାଅ ?**

(A) ସରକାର ଆମ ଅଞ୍ଚଳରେ ଗୋଟିଏ କଲେଜ ଖୋଲିଛନ୍ତି ।

(B) ସରକାର ଆମ ଅଞ୍ଚଳରେ ଗୋଟିଏ ସ୍କୁଲ ଖୋଲିବାକୁ ଭାବୁଛନ୍ତି ।

(C) ସରକାର ଆମ ଅଞ୍ଚଳରେ ଗୋଟିଏ କଲେଜ ଖୋଲିବେ।

(D) ସରକାର ଆମ ଅଞ୍ଚଳରେ ଗୋଟିଏ କଲେଜ ଖୋଲିବାକୁ ଭାବୁଛନ୍ତି ।

FM Manoj

**(49) Fundamental rights are the basic human rights enshrined in the constitution of India which are guaranteed to all citizens-ସଠିକ ଅନୁବାଦ ଚିହ୍ନାଅ ?**

(A)ଭାରତୀୟ ସମ୍ବିଧାନ ଦ୍ୱାରା ନାଗରିକ ମାନଙ୍କୁ ପ୍ରଦତ୍ତ ମୌଳିକ ଅଧିକାର ହିଁ ମାନବ ଅଧିକାର ।

(B)ଭାରତୀୟ ସମ୍ବିଧାନରେ ନାଗରିକମାନଙ୍କୁ ପ୍ରଦତ୍ତ ମୌଳିକ ଅଧିକାର ମଧ୍ୟରେ ମାନବ ଅଧିକାର ଶ୍ରେଷ୍ଠ ।

(C)ଭାରତୀୟ ସମ୍ବିଧାନ ନାଗରିକ ମାନଙ୍କୁ ମୌଳିକ ଅଧିକାର ପ୍ରଦାନ କରିଛି ।

(D)ନାଗରିକ ମାନଙ୍କୁ ପ୍ରଦତ୍ତ ମୌଳିକ ଅଧିକାର ଭାରତୀୟ ସମ୍ବିଧାନର ବିଶେଷତ୍ୱ ।

**(50) It is often found that simple men suffer, while the wicked ones escape. ସଠିକ ଅନୁବାଦ ଚିହ୍ନାଅ ?**

(A) ଅନେକ ସ୍ଥଳରେ ଏପରି ଦେଖାଯାଏ ଯେ ସରଳ ଲୋକମାନେ ଦୁଃଖ ପାଆନ୍ତି, ମାତ୍ର ଖଳ ଲୋକମାନେ ଖସି ଯାଆନ୍ତି ।

(B) ଏପରି ଦେଖାଯାଏ ଯେ ଖଳ ଲୋକମାନେ ଦୁଃଖ ପାଆନ୍ତି, ମାତ୍ର ସରଳ ଲୋକମାନେ ଖସି ଯାଆନ୍ତି ।

(C) ଏପରି ଦେଖାଯାଏ ଯେ ସରଳ ଲୋକମାନେ ଦୁଃଖ ପାଆନ୍ତି, ମାତ୍ର ଖଳ ଲୋକମାନେ ଖସି ଯାଆନ୍ତି ।

(D)ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ ।

**Passage 1**

**"The struggle to obtain legal recognition of aboriginal rights is difficult. Even if a right is written into the law, there is no guarantee that the future will not bring changes to the law that undermines the right. For this reason, the federal government of Canada 1982 extended constitutional protection to those aboriginal rights already recognized under the law. This protection was extended to the Indian, Inuit, and Métis peoples; the three groups generally thought to comprise the aboriginal population in Canada. But this decision has placed on provincial courts the enormous burden of interpreting and translating the necessarily general constitutional language into specific rulings. The result has been inconsistent recognition and establishment of aboriginal rights, despite the continued efforts of aboriginal peoples to raise issues concerning their rights.**

**Aboriginal rights in Canada are defined by the constitution as aboriginal peoples' rights to ownership of land and its resources, the inherent right of aboriginal societies to self-government, and the right to legal recognition of indigenous customs. But difficulties arise in applying these broadly conceived rights. For example, while affirming legal recognition of indigenous customs might appear straightforward, the exact legal meaning of "indigenous" is extremely difficult to interpret. The intent of the constitutional protection is to recognize only long-standing traditional customs, not those of recent origin; provincial courts, therefore, require aboriginal peoples to provide legal documentation that any customs they seek to protect were practiced sufficiently long ago—a criterion defined in practice to mean prior to the establishment of British sovereignty over the specific territory. However, this requirement makes it difficult for aboriginal societies, which often relied on oral tradition rather than written records, to support their claims.**

**Furthermore, even if aboriginal peoples are successful in convincing the courts that specific rights should be recognized, it is frequently difficult to determine exactly what these rights amount to. Consider aboriginal land claims. Even when aboriginal ownership of specific lands is fully established, there remains the problem of interpreting the meaning of that "ownership." In a 1984 case in Ontario, an aboriginal group claimed that its property rights should be interpreted as full ownership in the contemporary sense of private property, which allows for the sale of the land or its resources. But the provincial court instead ruled that the law had previously recognized only the aboriginal right to use the land and therefore granted property rights so minimal as to allow only the bare survival of the community. Here, the provincial court's ruling was excessively conservative in its assessment of the current law. Regrettably, it appears that this group will not be successful unless it is able to move its case from the provincial courts into the Supreme Court of Canada, which will be, one hopes, more insistent upon a satisfactory application of the constitutional reforms."**

FM Manoj

**51) Which of the following most accurately states the passage's main point?**

(A) The overly conservative rulings of Canada's provincial courts have been a barrier to constitutional reforms intended to protect aboriginal rights

(B) The overwhelming burden placed on provincial courts of interpreting constitutional language in Canada has halted efforts by aboriginal peoples to gain full ownership of land.

(C) Constitutional language aimed at protecting aboriginal rights in Canada has so far left the protection of these rights uncertain due to the difficult task of interpreting this language.

(D) Efforts by aboriginal rights advocates to uphold constitutional reforms in Canada may be more successful if heard by the Supreme Court rather than by the provincial courts

**52) Does the passage provide evidence to suggest that the author would be most likely to assent to one of the following proposals?**

(A) Aboriginal peoples in Canada should not be answerable to the federal laws of Canada

(B) Oral tradition should sometimes be considered legal documentation of certain indigenous customs

(C) Aboriginal communities should be granted full protection of all of their customs

(D) The language of the Canadian constitution should more carefully delineate the instances to which reforms apply.

**53) What number of groups comprise aboriginal population?**

(A) One (B) Two (C) Three (D) None

**Passage 2**

**This was a very peculiar case, called State of Orissa v. Ram Bahadur Thapa (1959). J.B. Chatterjee of the Chatterjee Bros. firm in Calcutta employed Ram Bahadur Thapa as a servant. They had gone to Rasgovindpur, a village in Orissa's Balasore district, to buy scrap from an abandoned airport outside of town. The local people considered that area haunted and the same was made known to the visitors. As they drove to the aerodrome late at night, they noticed a flickering light within the premises that seemed to move because of the strong winds. Thapa leapt into action, brandishing his khukri in the direction of the 'ghosts.' They turned out to be indigenous Adivasi ladies with a hurricane light who had congregated under a mahua tree to gather flowers. Thapa injured two women and killed another and thus was charged with Section 302 (murder), Section 326 (grievous hurt with dangerous weapons) and Section 324 (hurt with dangerous weapons) of the Penal Code. The Sessions Judge held that the accused committed the acts under a bona fide mistake of fact, thinking that he was attacking ghosts and not human beings and hence acquitted him relying on Section 79, which talks about acts justified by law or acts which under a mistake of fact is thought to be justified by law. The petitioners challenged this through an appeal to the Supreme Court saying that through extra care and caution, this event could have been averted. But the Court dismissed these arguments and said that Ram Bahadur Thapa had to be accorded the protection of Section 79.**

**54) Where did they go?**

(A) Raspur (B) Govindpur (C) Rasgovindpur (D) Puri

**55) Where did the women gather?**

(A) Under Banyan tree (B) Under Mango tree (C) Under Peepal tree (D) Under Mahua tree

**56) The accused had confused the ladies with what/whom?**

(A) Animals (B) Ghosts (C) Vehicles (D) Trees

**57) Which section saved Rambahadur?**

(A) Section 79 (B) Section 302 (C) Section 101 (D) None

**Passage 3**

**"PATROL REPORT**

FM Manoj

**At 01: 30 hrs. on 02 October 2011, the Emergency Response Unit received a phone call from an unidentified person that there was a robbery at the Lover Road main junction. The First Responder Group arrived at the spot and found a crowd which was gathered at the front door of a two storey red brick building. The police patrol was told that an armed robbery occurred around half an hour before. The patrol entered the building and found that the front door was badly damaged as the door lock was broken. In the middle of the hall the patrol found a group of men and women around a male who was lying on the floor in a pool of blood. His chest was covered with blood. He seemed to be unconscious. An ambulance arrived and took the wounded person to hospital. The police were advised that a group of armed unidentified persons broke into the house, robbed the occupants and badly wounded a neighbour. Some property had been taken. Some witnesses stated that they ran in the direction of Seventh Street, to the ocean shore.**

**FOLLOW-UP REPORT # 1**

**At 02:05 hrs. The police checked the Seventh Street and the sports ground at the junction, but with no results. The territory of the nearby market was searched as well, but no suspect was spotted. At 03:25 the patrol returned back to the police station.**

**FOLLOW-UP REPORT # 2**

**The police officers interviewed Mr Bob Rocky, 25 years old, mobile phones sales manager, bachelor, who stated that he had lived in the building at the Lover Road main junction for the last two years. The rent is USD 200 a month, plus utilities. To reduce the expenses, he shares the building with his friend Emanuel Gibson. On 01 October 2011, he came home early, at 18:00 hrs. He was tired. That's why he had his dinner, watched TV and went to bed around 22:00 hrs. He did not know what time it was when he was awakened by a noise. He heard some heavy blows to the front door and some angry voices in the hall. He got up from his bed, and in that moment the door to his room opened and two masked guys, one tall and one short rushed into. The tall guy kicked him in the stomach, and the short one asked, "Where's your money?" Mr Rocky answered that he had no cash with him. Then the tall guy grabbed 4 mobile phones which Mr Rocky brought home from his office, and they left the room. Few minutes later he heard some shots, he did not remember how many. According to Mr Rocky, he sustained no hard injuries.**

**FOLLOW-UP REPORT # 3**

**In his interview to the police Mr Emanuel Gibson, 26, unemployed, divorced, stated that on 01 October 2011, he came home rather later, approximately at 23:00. There was an interesting movie on TV that night. The incident happened just after the movie was over, that's why he remembered the exact time – 01:00 hrs. He heard that somebody knocked on the door. He asked who was there, but there was no reply. At that moment somebody kicked the door. The plywood-made door crushed down, and several masked men entered the hall. One of them, a very tall guy, who looked like a real basketball player, made a sign for two of them to head for Bob's room. He also ordered two others to search the room. Then the "basketball player" came up to Mr Gibson and demanded he give all the cash he had. Mr Gibson replied that he had been out of work for three months and he had no money. Then the robbers took his laptop. There was no violence against him. They were leaving the house when a neighbour, James, appeared in the front door. He had a machete in his hand. The "basketball player" took a gun out from his coat and fired twice. James fell down and the criminals ran out of the building. A few minutes later other neighbours came and rendered him medical aid.**

**FOLLOW-UP REPORT # 4**

**Mr Joshua Smuggle, 45, housekeeper, who lives close to the place of the incident, stated to the police that night, around 01:00 hrs. He was ready to go to bed when he heard firearm shots. He came to the window and saw some males leaving the neighbour's house. He understood that something had happened. He went out of home and saw his another neighbour, James, lying on the floor in a pool of blood."**

**58) How did the criminals look like?**

(A) one tall and one short (B) very tall (C) dwarf (D) obese

**59) What did the criminals take from the victims?**

(A) four mobile phones (B) one laptop (C) Both (D) none

**60) Who received the call?**

(A)The cop (B) The police team
(C) The President (D) The Emergency response unit

**61) Wars always bring ______ consequences for the nation. (Choose the best option).**

(A) prosperous (B) extensive (C) poor (D) disastrous

FM Manoj

**62) This is an ________ product for the fashionable youngsters. (Choose the best option).**

(A) extensive (B) allusive (C) exclusive (D) elusive

**63) My Uncle Samuel _____ (be) a source of inspiration for me since I was a young boy.**

(A) was being (B) will be (C) is being (D) has been

**64) The dog looks ferocious. You _____ go near it. (Choose the correct modal).**

(A) wouldn't (B) needn't (C) won't (D) mustn't

**65) The antonym of 'Acumen' is _________.**

(A) Craziness (B) Stupidity (C) Brilliance (D) Lethargy

**66) Choose the option that is opposite in meaning to the word 'Adherent.'**

(A) Advocate (B) Adversary (C) Disciple (D) Follower

**67) The antonym of 'Conspicuous' is _________.**

(A) Unpopular (B) Unclear (C) Indistinct (D) Lost

**68) Fill in the blanks with the appropriate article to be used. Mark 'No article required' if there is no need to use the article in the blank. Compliance of _________ seat belts in the rear seat is poor in India.**

(A) A (B) An (C) The (D) No article required

**69) London is____ European city. (Choose the best option).**

(A) A (B)An (C)The (D)No article

**70) 'See eye to eye' means _______.**

(A) To look for someone. (B) To look lovingly at someone.
(C) To agree with someone (D) To keep an eye on someone.

**71) The meaning of the expression 'To let someone off the hook' is _________.**

(A) To allow someone not to be punished. (B) To allow someone to catch fish.
(C) To allow someone to release the fish. (D) To take the fish off the hook.

**72) 'Break the ice' means _______.**

(A) Break the ice cubes (B) Make friends in the first meeting
(C) Remove obstacles from the path (D) Make people feel more comfortable

**73) A displayed sheet giving news or information is called?**

(A)An office order (B) A note sheet (C) A notice (D) A report

**74) No woman had ever had the honour of a university chair at the Sorbonne ________ Marie, who was the only one that could hold that position.**

(A) after (B) until (C) by the time (D) when

**75) A plan for carrying out a process or procedure, giving lists of intended events and times.**

(A) Compile (B) Catalogue (C) Schedule (D) Inscribe

**76) A short stay at a place**

(A) Voyage (B) Lodge (C) Sojourn (D) Trip

**77) A person who helps another commit a crime is an ______.**

(A) accomplish (B) accomplice (C) associate (D) assistant

**78) One who talk in sleep (Answer in one word)**

(A) Celibate (B) Intestate (C) Somniloquy (D) Gullible

**79) A solution or remedy for all difficult diseases is _____.**

(A) Panacea (B) Elixir (C) Ambrosia (D) Vitamins

**80) The manager was ____________ an explanation of his conduct.**

(A) called for (B) called off (C) called to (D) called up

FM Manoj

**81) She had been ill ___________ Thursday morning.**

(A) since (B) for (C) on (D) none of these

**82) Why don't you sit ____________ me?**

(A) close (B) beside (C) along (D) next

**83) I ran _____ the street to greet my friend. (Choose the best option).**

(A) along (B) across (C) over (D) on

**84) Which of the following sentence is grammatically correct?**

(A) I have gone to Delhi yesterday (B) I has gone to Delhi yesterday
(C) I went to Delhi yesterday (D) I have went to Delhi yesterday

**85) "Find correct sequence of sentences:**
**P: advocated complete equality**
**Q: in 1854, Anthony devoted herself**
**R: between men and women.**
**S: to the rights of women and"**

(A) QSRP (B) QSPR (C) SPRQ (D) SRPQ

**86) The teacher said, "The Sun rises in the east." (Change into Indirect speech).**

(A)The teacher said that the Sun rises in the east. (B) The teacher exclaimed that Sun rises in the east.
(C) The teacher said that Sun rose in the east. (D) The teacher said to everybody that Sun will rise in the east.

**87) I/ have seen/ him/ a moment ago. (Point out the part with error).**

(A) I (B) have seen (C) him (D) a moment ago

**88) The captain along with his team /are practicing/ very hard for the/ forthcoming matches. (Point out the part with error).**

(A) The captain along with his team
(B) are practicing
(C) very hard for the
(D) forthcoming matches

**89) Choose the correct spelling of the word.**

(A) Prejorative (B) Pejorative (C) Pejoretive (D) Pedgorative

**90) Choose the correct spelling of the word.**

(A) Beelligerence (B) Beligerence (C) Belligerence (D) Belligirence

**91) "Directions: The following sentence has been split into four segments. Identity the segment that contains a grammatical error. Had you / not reached in time, / we will have / lost our lives."**

(A) Had you (B) lost our lives (C) not reached in time (D) we will have

**92) Admonish means _________.**

(A) Urge (B) Force (C) Reprimand (D) Counsel

**93) Encumbrance means _________.**

(A) Difficulty (B) Burden (C) Block (D) Binding

**94) I find _____ horror movies disgusting. (Choose the correct option).**

(A) watched (B) to have watched (C) to watch (D) watching

**95) Select the most appropriate option that can substitute the underlined segment in the given sentence. If there is no need to substitute it, select ' No substitution required'. Which movie <u>have you watched</u> on television when I called you?**

(A) are you watching
(B) no substitution required
(C) were you watching
(D) did you watched

**96) When I opened my room, I found that somebody _____ into my room during the night. (Choose the correct option).**

FM Manoj

(A) break (B) broke (C) has broken (D) had broken

**97) The show had already started, when I _____ on the TV. (Choose the correct option).**

(A) switched (B) could switch (C) had switched (D) have switched

**98) She has 'to begin gaining experience' if she wishes to join the media industry. (Choose the correct option)**

(A) Cost an arm and a leg
(B) Get one's feet wet
(C) Cross one's T's and dots
(D) To sit on the fence

**99) The umpire declared the batsman out. (Change into passive voice).**

(A) The batsman was out declared by the umpire.
(B) The batsman was declared out by the umpire.
(C) The umpire was declared out by the batsman.
(D) The batsman was declared to be out by the umpire.

**100) Keep to the left. (Change into passive voice).**

(A) You are 'requested to keep it to the left.
(B) Let the left be kept.
(C) Let us keep to the left.
(D) You should all keep to the left.